# ଶରତ

ତମ ଗାଆଁ ନଇପଠା
କାଶତଣ୍ଡି ଧରିବଣି ଫୁଲ ତା ଗଭାରେ
ଶ୍ୟାମରଂଗ ଆଖୁଫୁଲ
ଉଡ଼ିବଣି "ମଲାଗୁଣୀ" ନଇ ଆର ପାରେ ।

ସ୍ମିତ ନଈ ଧାର ହେଲା
ସୂକ୍ଷ୍ମ-ଆଉ ନିରିମଳ ଶରତ ଆକାଶ
ଶରତ ଆସିଲା ସତେ
ସଂଗେ ଆଣି ହଳଦିଆ ସୁନାର ସୋରିଷ ।

ଗେଣ୍ଡାଳିଆ ଡ଼ାକୁଥିବ
ଦେଖି ଗାଆଁ ପୋଖରୀର ନିରିମଳ ପାଣି
ଶିତୁଳିଆ ସଂଜବେଳେ
ଚଷାପୁଅ ଗାଉଥିବ ବେସୁରା ରାଗିଣୀ ।

ତମ ମନ ଶରତର
ମେଘପରି ହୋଇଥିବ ଘନ ନିରିମଳ
ଯେ ମନରେ ଲେଖିହେବ
ଅସଂଖ୍ୟ କବିତା ଫୁଟାଇଣ ପ୍ରେମ ଶତଦଳ ।

ଧାନକେଣ୍ଡା ଚାହିଁଲାଣି
ଫୁଲଉଡ଼ି ଧାନ ନେଇ ଥୋଇବ ଗରଭେ
ତୁମ ଗାଆଁ ଦଶହରା
ମନେପଡ଼େ କାଠିଦିଅଁ ଦେଖନ୍ତି ସରବେ ।

ଦଶହରା କୁମାର ପୁନିଅଁ
ଅଭିଆଡ଼ୀ ଝିଅଙ୍କର ଖୋଲିଯାଏ ପ୍ରଣୟ ପସରା
ତୁମେ ପ୍ରିୟା ପ୍ରେମିକର
ମଙ୍ଗଳ ମନାସି ସଂଜଦେବ ତୁଳସୀ ଚଉରା ।

ଶରତଟା କାହିଁକି ଯେ ଆସେ ?
ଆଣିଦିଏ ଉନ୍ମାଦନା ପ୍ରଣୟିନୀ ମନେ
ସତେ ଅବା ସାଥିରେ ଆଣିଛି
ପ୍ରେମିକକୁ ଏକା ଏକା ଅଭିସାର ରଚି ନିକାଞ୍ଚନେ ।

ପ୍ରେମ ଆଉ ପ୍ରଣୟର
ସ୍ୱଚ୍ଛ ଆଉ ଆନନ୍ଦର ନିକଷ ପ୍ରତିମା
ମନ ଆଉ ଯଉବନ
ଶରତର ତାଳେ ତାଳେ ବିଞ୍ଚେ ମାଧୁରିମା ।